# Akashvani, Sambalpur

## SAMBALPURI NEWS BULLETIN

### 20 December 2024- 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ -ଦିଲ୍ଲୀ ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ପ୍ରାକ୍ ବଜେଟ୍ ବୈଠକ୍ ବସ୍‌ବା । ପ୍ରାକ୍ ବଜେଟ୍ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବେ । ୫ ଦିନିଆ ଦିଲ୍ଲୀ ଆର୍ ରାଜସ୍ଥାନ୍ ଗସ୍ତଥି ଯାଇକରି ମୁଖ୍ୟମନ୍ତ୍ରୀ ଆଏବା କାଏଲ୍ ରାଜସ୍ଥାନ୍ ଠାନେ ହେବାର୍‌କେ ଥିବା ଜିଏସ୍‌ଟି ପରିଷଦ୍‌ର ୫୫ ନମ୍ବର୍ ବୈଠକ୍‌ଥି ଯୋଗ୍ ଦେବେ । ଆଏବା ମାସ ହେବାର୍‌କେ ଥିବା ପ୍ରବାସୀ ଭାରତୀୟ ଦିବସ୍ ଲାଗି ସେ ରାଷ୍ଟ୍ରପତି ଆର୍ ପ୍ରଧାନ୍‌ମନ୍ତ୍ରୀଙ୍କୁ ନିଉତା ଦେବେ ।

ଓଡ଼ିଶା ସାଂସଦ୍ ଦଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ନେତୃତ୍ୱଥି ଗଲାକାଏଲ୍ ଓଡ଼ିଶା ସାଂସଦ୍ ମାନ୍‌କର୍ ଗୁଟେ ପ୍ରତିନିଧି ଦଲ୍ କେନ୍ଦ୍ର

ବେସାମରିକ ବିମାନ୍ ଚଲାଚଲ୍ ମନ୍ତ୍ରୀ କେ. ରାମ୍‌ମୋହନ୍ ନାଇଡୁଙ୍କୁ ଭେଟିଛନ୍ । ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ଅନ୍ତର୍ଜାତୀୟ ବିମାନ୍ ବନ୍ଦର୍ ନ ନୂଆଁ ଟର୍ମିନାଲ୍ ଭବନ୍ ନିର୍ମାଣ୍, ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍‌ର ୨ ନମ୍ବର୍ ଖେପେ ନବୀକରଣ୍, ରାଉର୍‌କେଲା ଆର୍ ଜୟପୁର୍ ଏୟାର୍‌ଷ୍ଟ୍ରିପ ସମ୍ପ୍ରସାରଣ୍, ବଲାଙ୍ଗିର୍‌ର ତୁଷ୍‌ରା ଏୟାର୍‌ଷ୍ଟ୍ରିପ୍‌ର ନବୀକରଣ୍ କର୍‌ବାର୍ ଲାଗି ଦାବି କରିଛନ୍ । ହେନ୍ତା ଉଡ଼ାନ୍ ଯୋଜ୍‌ନାଥି ସମ୍ବଲ୍‌ପୁର୍‌ର ହୀରାକୁଦ୍, କଲାହାଣ୍ଡିର୍ ଉତ୍କେଲା, ବର୍‌ଗଡ଼୍ ଜିଲ୍ଲାର୍ ପଦମ୍‌ପୁର୍ ଆର୍ ଭିନ୍ ଭିନ୍ ଏୟାର୍‌ଷ୍ଟ୍ରିପ୍‌କେ ସାମିଲ୍ କର୍‌ବାର୍ ଲାଗି ପଦକ୍ଷେପ୍ ନେବାର୍‌କେ ଦାବି କରିଛନ୍ ।

ସୁଶାସନ୍ ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତ୍‌ର ଆଘର୍ ପ୍ରଧାନ୍‌ମନ୍ତ୍ରୀ ଭାରତ୍‌ରତ୍ନ ଅଟଲ୍ ବିହାରୀ ବାଜପେୟୀଙ୍କର୍ ଶହେ ନମ୍ବର୍ ଜନମ୍ ଦିନ୍ ଡିସେମ୍ବର୍ ୨୫ କେ ସୁଶାସନ୍ ଦିବସ୍ ଭାବେ ପାଲନ୍ କରାଯିବା । ଇ ଅବ୍‌ସରେ ଡିସେମ୍ବର୍ ୧୯ ନୁ ଡିସେମ୍ବର୍ ୨୫ତକ୍ ସୁଶାସନ୍ ହପ୍ତା ଭାବେ ଭିଲ୍ ପାଲନ୍ କରାଯାଉଛେ । ସୁଶାସନ୍ ଅଭିମୁଖୀ ପଦକ୍ଷେପ୍ ଆର୍ ଚେରେଷ୍ଟା, ସର୍ବୋତମ୍ କାର୍ଯ୍ୟବିଧିର ଚିହ୍ନଟ୍, ଦସ୍ତାବିଜ୍

ସଂଗ୍ରହ, ନାଗ୍ରିକ୍ମାନ୍କର୍ ଅଭିଯୋଗ୍ ଶୁଣାଣି ଆର୍ ସମାଧାନ୍, ଗ୍ରାମାଭିମୁଖୀ ପ୍ରଶାସନ୍ ବାଗିର୍ ଭିନ୍ ଭିନ୍ ଆଭିମୁଖ୍ୟ ନେଇକରି ଇ ସପ୍ତାହ ପାଲନ୍ କରାଯାଇଛେ ।

ଉପମୁଖ୍ୟମନ୍ତ୍ରୀ- ବୈଠକ୍ ଆର୍ଏନ୍ୟୁ /ସମ୍ବଲପୁର

ଭୁବନେଶ୍ୱର୍ ଲୋକସେବା ଭବନ୍ ସମ୍ମିଲନୀ କକ୍ଷ ନ ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ଆର୍ କୃଷି ଆଉ କୃଷକ ସଶକ୍ତିକରଣ୍ ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍ଥି ଜାନୁଆରୀ ମାସେ ହେବାର୍କେ ଥିବା କୃଷି ଓଡ଼ିଶା ସମ୍ମିଲନୀ, ଚାଷୀ ପଞ୍ଜିକରଣ୍, କୃଷକଙ୍କର୍ ତଥ୍ୟ ଆର୍ ଆଏବା ଆର୍ଥିକ୍ ବଛର୍ ଲାଗି କୃଷି ବଜେଟ୍ ପ୍ରସ୍ତୁତି ଉପ୍ରେ ଆଲୋଚନା ହେଇଥିଲା । କୃଷି ଓଡ଼ିଶା ସମ୍ମିଲନୀଥି ଚାଷୀମାନେ ଚାହେଁଲେ ନିଜେ ନାଁ ପଞ୍ଜିକରଣ୍ କରିପାର୍ବେ ବଲି ବୈଠକ୍ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ-ନାଁଲେଖା ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ସ୍ନାତକ, ସ୍ନାତକୋତର ବିଏଡ୍, ଏମ୍ଏଡ୍, ଏଲ୍ଏଲ୍‌ବିଥି ଅଗ୍‌ଲିଥିବା ସିଟ୍ ଲାଗି ନାଁଲେଖା ହେବା । ଇଥିର୍‌ଲାଗି ଆଏଜ୍‌ଠାନୁ ସ୍ୱଟ୍ ନାଁଲେଖାର୍ ଦୁଇ ନମ୍ବର୍ ଖେପ୍ ମୁଲ୍ ହେଇଛେ । ୨୨ ତାରିଖ୍‌ତକ୍ ଇ ଆବେଦନ୍ ଚାଲ୍‌ବା । ସେନ୍ତା ୨୭ ତାରିଖ୍ ଆରବେଲତକ୍ ନାଁଲେଖା ଲାଗି ଯୋଗ୍ୟ ଛାତ୍ରଛାତ୍ରୀମାନ୍‌କର୍ ନାଁ ବାହାରିବା । ୨୭ ନୁ ୩୦ ତାରିଖ୍ ଭିତ୍‌ରେ ନାଁଲେଖା ହେବା ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରୋଡ୍ ଓଭର୍‌ବ୍ରିଜ୍ ପ୍ରକଳ୍ପ ଆର୍ଏନ୍‌ୟୁ / ସମ୍ବଲପୁର

ପୂର୍ବତଟ ରେଲ୍‌ପଥ ତର୍‌ଫୁ ଶହେ ୭୦ ଟା ରୋଡ୍ ଓଭର୍‌ବ୍ରିଜ୍ ପ୍ରକଳ୍ପକେ ଅନୁମୋଦନ୍ କରାଯାଇଛେ । ରେଲ୍‌ବାଇ (ସଂଶୋଧନ) ଅଧିନିୟମ୍ -୨୦୦୮ ଅନ୍‌ସାରେ ଇ ନିର୍ମାଣ୍‌କେ ସ୍ୱତନ୍ତ୍ର ରେଲ୍‌ପ୍ରକଳ୍ପ ଭାବେ ପୂର୍ବତଟ ରେଲ୍‌ପଥ ମହାପ୍ରବନ୍ଧକ ଘୋଷ୍‌ନା କରିଛନ୍ । ଶହେ ୭୦ ଟା ଭିତ୍‌ରୁ ଶହେ ୧୦ ଟା ପ୍ରକଳ୍ପ ଓଡ଼ିଶା ନ ହେବା ।

ଓଡ଼ିଶା ଖଦୀ ମେଲା ଆର୍ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ଖଦୀ ବୋର୍ଡ଼୍ କାର୍ଯ୍ୟାଳୟ ଠାନେ ଗଲାକାଏଲ୍ ଓଡ଼ିଶା ଖଦୀ ମେଲା-୨୦୨୪ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସନ୍ଧ୍ୟା ନ ଖଦୀ ଆର୍ ଗ୍ରାମୋଦ୍ୟୋଗ୍ ଆୟୋଗ୍ (ପୂର୍ବାଂଚଲ୍)ର ସଦସ୍ୟ ମନୋଜ୍ କୁମାର୍ ସିଂ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇଥିଲେ । ଇ ପ୍ରଦର୍ଶନୀଥି ପାଖାପାଖି ୨ କୋଟି ଟଙ୍କାନୁ ଅଏତ୍‌କା କାର୍‌ବାର୍ ହେଇଥିଲା ।

ପକ୍ଷୀ ଗଣନା ଆର୍‌ଏନ୍‌ୟୁ /ସମ୍ବଲପୁର

ଜାନୁଆରୀ ୧୮ ତାରିଖିନୁ ରାଏଜେ ମୁଲ୍ ହେବାର୍‌କେ ଯାଉଛେ ପକ୍ଷୀ ଗଣନା । ଇଥର ଗଣନା ବେଲେ ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନ୍ ଚିଲିକା, ଭିତର୍‌କନିକା ଆର୍ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଆକର୍ଷଣର୍ କେନ୍ଦ୍ର ପାଲଟିଥିବା ବିଦେଶୀ ପକ୍ଷୀ ଫ୍ଲେମିଙ୍ଗୋ ପ୍ରଜାତିର୍ ପକ୍ଷୀଙ୍କର୍ ଉପ୍‌ରେ ଖାସ୍ ଗବେଷଣା କରାଯିବା ବଲି ଜନାପଡ଼ିଛେ । ଇଥି ବନବିଭାଗ୍ ଅଧିକାରୀ ମାନେ ସହଯୋଗ୍ କର୍‌ବେ ।

କୃଷି ଯନ୍ତ୍ରପାତି ମେଳା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍‌ମହାରାଜ୍‌ପୁର୍ ମିନି ଷ୍ଟାଡ଼ିୟମ୍ ଠାନେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା -୨୦୨୪ ଉଦ୍‌ଘାଟିତ୍ ହେଇଯାଇଛେ । ୩ ଦିନ୍ ଧରିକରି ହେବାର୍‌କେ ଥିବା ମେଳାକେ ବୀର୍‌ମହାରାଜ୍‌ପୁର୍ ବିଧାୟକ୍ ରଘୁନାଥ ଜଗ୍‌ଦଲା ଉଦ୍‌ଘାଟନ୍ କରିଥିଲେ । ମେଳାଥି ୧୫ ଟା ଷ୍ଟଲ୍ ନ ଅତ୍ୟାଧୁନିକ୍ କୃଷି ଯନ୍ତ୍ରପାତି ପ୍ରଦର୍ଶନ୍ ଆର୍ ବିପଣନ କରାଯାଉଛେ । ଇ ଅବସରେ ସବୁ ଦିନ କୃଷି ସମାବେଶ୍ ଭିଲ୍ ହେଉଛେ ।

ହିନ୍ଦୀ ପକ୍ଷ ଉଦ୍‌ଯାପିତ          ଆର୍‌ଏନ୍‌ୟୁ / ସମ୍ବଲପୁର

ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ରଥି ଗଲାକାଏଲ୍ ହିନ୍ଦୀ ପକ୍ଷ ଉଦ୍‌ଯାପିତ୍ ହେଇଛେ । ଇ ଅବ୍‌ସରେ କେନ୍ଦ୍ରର କର୍ମଚାରୀମାନ୍‌କର ଭିତ୍‌ରେ ସର୍‌କାରୀ କାମ୍‌କାଜ୍‌ଥି ହିନ୍ଦୀର୍ ବେଭାର୍‌କେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଆକାଶ୍‌ବାଣୀ କେନ୍ଦ୍ରର୍ କର୍ମଚାରୀମାନେ ଯୋଗ୍ ଦେଇଥିଲେ ।

କମ୍‌ଲିବଜାର୍          ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍‌ର ଐତିହାସିକ୍ କମ୍‌ଲିବଜାର୍ ଆଏବା ନୂଆଁବଛର୍‌ନୁ ତାର୍ ସ୍ଥାୟୀ ପିଁଢ଼ାକେ ଫିର୍‌ବା ବଲି ମହାନଗର୍ ନିଗମ୍ ଆୟୁକ୍ତ ବେଦଭୂଷଣ୍ ସୂଚ୍‌ନା ଦେଇଛନ୍ । ସମ୍‌ଲେଇ ପ୍ରକଳ୍ପ କାମ୍ ଲାଗି ଗଲା ୨ ବଛର୍ ହେଲା ଇ ବଜାର୍‌କେ ଉଠେଇ ଦିଆଯାଇଥିଲା । ପୁର୍‌ନା ହାଟ୍ ହେଇଥିବାର୍‌ନୁ ଇ ପ୍ରକଳ୍ପ ଲାଗି ଇହାଦେ ନୂଆଁ ପିଁଢ଼ା ପ୍ରସ୍ତୁତ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଦକ୍ଷିଣ ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ରଏବାର୍‌ତକ୍ କମ୍ ନୁ ମଏଧମ୍ ବର୍ଷା ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ଅନୁମାନ୍ କରିଛେ । ସୁବର୍ଣ୍ଣପୁର୍, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର୍, କଲାହାଣ୍ଡି ନ ଆଏଜ୍ ବର୍ଷା ହେଇପାରେ । ସୂଚ୍‌ନା ଅନ୍‌ସାରେ ଆଏବା ୩ ଦିନ୍ ତକ୍ ତାପମାତ୍ରା ଖାସ୍ ନାଇଁ ବଦ୍‌ଲେ । ଗଲାକାଏଲ୍ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ରାଉର୍‌କେଲା ନ ୮ ଦଶ୍‌ମିକ୍ ୪ ଡିଗ୍ରୀ ସେଲ୍‌ସିଅସ୍ ଥିଲା ।